# ODISSI MUSIC FESTIVAL ENTERS INTO THE SECOND DAY

**Bhubaneswar - 10.02.2017 :** The 2nd day of Odissi Music Festival organized by Guru Kelucharan Mohapatra Odissi Research Centre under the aegis of Department of Culture started with Group Odissi presentation by Nimakanta Routray & Group from Bhubaneswar followed by Duet Odissi vocal by Soumya Sampat Mishra and Sonali Mohaptra from Bhubaneswar. Next presentation was Solo Odissi vocal by Chaitanya Mohaptra from Bhubaneswar followed by Group Sitar Recital by Swapneswar Chakraborty & group from Bhubaneswar and the last item was Solo vocal by Balakrushna Behera from Bhubaneswar. His brilliant presentation depicted his erudition, research and perseverance and engrossed the audience till the end.

The dignitaries who graced the occasion were Dr. Priyambada Mohanty Hejmadi, Eminent Odissi Dancer; Shri Suhas Mohanty, Station Director, AIR, Cuttack and Dr. Sangita Gosain, Chief Executive, GKCM Odissi Research Centre. The programme was anchored by Shri Basanta Mohanty.

# ଓଡ଼ିଶୀ ସଙ୍ଗୀତ ଉତ୍ସବର ଦ୍ବିତୀୟ ସଂନ୍ଧ୍ୟାରେ ଶ୍ରୋତା ବିମୁଗ୍ଧ

**କଟକ-ତା.୧୦.୦୨.୨୦୧୭ -** ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ରାଜ୍ୟ ସଂସ୍କୃତି ବିଭାଗ ଦ୍ବାରା ଆୟୋଜିତ ଦ୍ବାଦଶ **ଓଡ଼ିଶୀ ସଙ୍ଗୀତ ମହୋତ୍ସବ-୨୦୧୭** ଆଜି ଥିଲା ଦ୍ବିତୀୟ ସଂନ୍ଧ୍ୟା । ଦ୍ବିତୀୟ ସଂନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଥିଲା ନିମାକାନ୍ତ ରାଉତରାୟ ଓ ସାଥୀଙ୍କ ଦ୍ବାରା ଦଳଗତ ଓଡ଼ିଶୀ ସଙ୍ଗୀତ ପରିବେଷଣ । ସେମାନଙ୍କର ପ୍ରସ୍ତୁତିରେ ଥିଲା ବେଣୁଧରଙ୍କ ରଚନାରୁ **ଆହା କି ସୁନ୍ଦର ସହି** ପରେ ପରେ ପୁରାତନ ରଚନାରୁ **ନଟରାଜନ ଗୋ** ପରିବେଷଣ କରିଥିଲେ । ଦ୍ବିତୀୟ ପ୍ରସ୍ତୁତିରେ ଥିଲା ସୌମ୍ୟା ସମ୍ପତ ମିଶ୍ର ଓ ସୋନାଲୀ ମହାପାତ୍ରଙ୍କ ଦ୍ବାରା ଯୁଗ୍ମ ଓଡ଼ିଶୀ ସଙ୍ଗୀତ ପରିବେଷଣ । ସେମାନଙ୍କ ଦ୍ବାରା କବିସୂର୍ଯ୍ୟଙ୍କ ରଚନାରୁ **କାଳିନ୍ଦି କୂଳକୁ ମୋର ସଙ୍ଗାଲୀ ନଯାରେ** ଓ **ବାଟଛାଡ଼ ସୁଘଟ ନାଗର ଯମୁନା ଯିବି** ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ପରେ ପରେ ଚୈତନ୍ୟ ମହାପାତ୍ରଙ୍କ ଦ୍ବାରା ଏକକ ଓଡ଼ିଶୀ ସଙ୍ଗୀତରେ ପ୍ରଥମେ ବେଣୁଧର ପଟ୍ଟନାୟକଙ୍କ ରଚନାରୁ **ଶୁଭୁଛି ବଂଶୀ ତାନରେ ନିକୁଂଜ ନିପ ବନରେ** ରାଗ ହଂସଧ୍ବନୀ ଓ ତାଳ ତ୍ରିପଟା ଏବଂ ତାଙ୍କର ଦ୍ବିତୀୟ ପ୍ରସ୍ତୁତିରେ ଥିଲା  ଶ୍ୟାମ ସୁନ୍ଦରଙ୍କ ରଚନାରୁ **ଶ୍ୟାମ ସଙ୍ଗେ କି ପ୍ରିତୀ କଲି** ଯାହା ରାଗ ସାରଙ୍ଗ ଓ ତାଳ-ରୂପକ ଉପରେ ପର୍ଯ୍ୟବେଶିତ ଥିଲା । ତାଙ୍କୁ ମର୍ଦ୍ଦଳରେ ଗୁରୁ ଡ଼ିବାକର ପରିଡ଼ା, ହାରମୋନିୟମରେ ସ୍ବଦେଶ ମହାନ୍ତି ସହଯୋଗ କରିଥିଲେ । ତାପରେ ସ୍ବପ୍ନେସ୍ବର ଚକ୍ରବର୍ତ୍ତି ଓ ସାଥୀଙ୍କ ଦ୍ବାରା ଦଳଗତ ସୀତାର ବାଦନ । **କିରିବାଣୀ ରାଗ** ଉପରେ ତାଙ୍କର ସୀତାର ବାଦନ ଅତ୍ୟନ୍ତ ଚିତାକର୍ଷକ ଥିଲା  ଏବଂ ଦ୍ବିତିୟ ସଂନ୍ଧ୍ୟାର ଅନ୍ତିମ ପ୍ରସ୍ତୁତିରେ ବାଳକୃଷ୍ଣ ବେହେରାଙ୍କ ଦ୍ବାରା ଏକକ ଓଡ଼ିଶୀ ସଙ୍ଗୀତରେ ପ୍ରଥମେ କବିସୂର୍ଯ୍ୟଙ୍କ ରଚନାରୁ ରାଗାଙ୍ଗୀ- **ଆଜ ଏ କି ଗୁମାନରେ**  ଓ ଶେଷରେ **ଛାନ୍ଦ** ପରିବେଷଣ କରି ଦର୍ଶକଙ୍କୁ ପ୍ରେକ୍ଷାଳୟରେ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ ।

ଦ୍ବିତୀୟ ସଂନ୍ଧ୍ୟାର ଅତିଥିମାନେ ଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଡ଼. ପ୍ରୀୟମ୍ବଦା ମହାନ୍ତି ହେଜମାଦୀ,  ଆକାଶବାଣୀ କେନ୍ଦ୍ର କଟକର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁହାସ ମହାନ୍ତି ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବହୀ ଡ଼. ସଙ୍ଗୀତା ଗୋସାଇଁ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀଯୁକ୍ତ ବସନ୍ତ ମହାନ୍ତି ।